ଆରବିଆଇ/୨୦୦୪/୨୨୬
ୟୁବିଡି ନଂ ୟୁବିଡି. ବିପିଡି. ପିସିବି ମଣ୍ଡଳ ୪୮/୦୯.୧୬୧.୦୦/୨୦୦୩.୦୪

ମେ ୨୯, ୨୦୦୪

**ସମସ୍ତ ପ୍ରାଥମିକ (ସହରାଞ୍ଚଳ) ସମବାୟ ବ୍ୟାଙ୍କ ସମୂହଗୁଡିକର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଗଣ**

ମହାଶୟ,

**'ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ' ମାର୍ଗଦର୍ଶୀ-ଅନୁପାଳନ**

ଖାତା ଖୋଲିବା ସମୟରେ ସହରାଞ୍ଚଳ ସହକାରୀ ବ୍ୟାଙ୍କ ସମୂହ ମାନଙ୍କ ଦ୍ୱାରା ଅନୁବର୍ତ୍ତନ ହେବାକୁ ଥିବା ଆମର ମଣ୍ଡଳ ୟୁବିଡି ନଂ. ଡିଏସ ପିସିବି ମଣ୍ଡଳ ୧୬/୧୩.୦୧.୦୦/ ୨୦୦୨-୦୩ ସେପ୍ଟେମ୍ବର ୧୮, ୨୦୦୨ର 'ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ' ଉପରେ ମାର୍ଗଦର୍ଶୀଗୁଡିକୁ ଦୟାକରି ଦେଖନ୍ତୁ। ଉପରୋକ୍ତ ଆବଶ୍ୟକତା ଗୁଡିକ ଅନୁପାଳନ କରିବା ସମୟରେ ସହରାଞ୍ଚଳ ସହକାରୀ ବ୍ୟାଙ୍କ ସମୂହ ଗୁଡିକ ଅନେକ ଅତିରିକ୍ତ ବ୍ୟକ୍ତିଗତ ସୂଚନାମାନ ମଧ୍ୟ ସଂଗ୍ରହ କରନ୍ତି।

୨. ଶ୍ରୀ ଏସ୍.ଏସ୍ ତାରାପୋରଙ୍କ ଅଧ୍ୟକ୍ଷତାରେ ଲୋକସେବା ପ୍ରଦାନ କରିବାରେ ମାର୍ଗଦର୍ଶୀ ଏବଂ ସମ୍ପାଦନ ଉପରେ ଗଠିତ କମିଟି ଦର୍ଶାଇଛନ୍ତି ଯେ ଗ୍ରାହକଙ୍କ ଠାରୁ ସଗୃହୀତ ସୂଚନା ଗୁଡିକ ବ୍ୟାଙ୍କ୍ ଦ୍ୱାରା ବିଭିନ୍ନ ଦ୍ରବ୍ୟ ଗୁଡିକର ସେବା ଗୁଡିକୁ ବିନିମୟ ପାଇଁ ବ୍ୟବହାର କରାଯାଉଛି। କେବେ କେବେ ସେହି ସୂଚନା ଗୁଡିକୁ ଅନ୍ୟ ସଂସ୍ଥା (ଏଜେନସି)ଗୁଡିକୁ ମଧ୍ୟ ଯୋଗାଇ ଦିଆଯାଉଛି। ଖାତା ଖୋଲିବା ସମୟରେ ଆପଣ ଗ୍ରାହକଙ୍କୁ ଜାଣନ୍ତୁ (KYC) ଅନୁପାଳନ ପାଇଁ ଗ୍ରାହକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସୂଚନା ଗୋପନୀୟ ଅଟେ ଏବଂ ବିନିମୟ ପାଇଁ ବା ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ସେଥିରେ ଥିବା ସୂଚନା ଗୁଡିକୁ ପ୍ରକାଶ କରିବା ଗ୍ରାହକ ଗୋପନୀୟତା ବୈଧାନିକତାର ବିରୁଦ୍ଧ ହେବ। ଏଣୁ ସହରାଞ୍ଚଳ ସହକାରୀ ବ୍ୟାଙ୍କ ସମୂହ ଏହି ବିଷୟରେ ଗ୍ରାହକଙ୍କ ପ୍ରତି ଥିବା ସେମାନଙ୍କର ଦାୟିତ୍ୱ ଗୁଡିକୁ କଡାକଡି ଅନୁପାଳନର ନିଶ୍ଚିତତା ପାଇଁ ସେମାନଙ୍କର ଶାଖାଗୁଡିକୁ ସୂଚନା ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଉଛି।

୩. ଯେଉଁଠି (KYC) ଆବଶ୍ୟକତା ଗୁଡିକ ବ୍ୟତୀତ ଅନ୍ୟ ଏକ ଉଦ୍ଦେଶ୍ୟ ପାଇଁ ଗ୍ରାହକଙ୍କ ବିଷୟରେ କୌଣସି ସୂଚନା ସଂଗ୍ରହ କରିବାକୁ ଇଚ୍ଛା ପ୍ରକାଶ କରାଯାଏ ଏହା ଖାତା ଖୋଲିବା ପତ୍ରର ଅଂଶ ଭାବରେ ରହିବା ଉଚିତ ନୁହେଁ, ସେହି ସୂଚନାମାନ ଅଲଗା ଭାବରେ ପୂର୍ଣ୍ଣତଃ ସ୍ୱେଚ୍ଛାକୃତ ଭାବରେ ଗ୍ରାହକଙ୍କୁ ଏହାର ଉଦ୍ଦେଶ୍ୟ ବିଷୟରେ ବ୍ୟାଖ୍ୟା କରିବା ଏବଂ ନିର୍ଦ୍ଦିଷ୍ଟ ବ୍ୟବହାର ପାଇଁ, ଯେଉଁଥିରେ ସେହି ସୂଚନାଗୁଡିକୁ ରଖାଯାଇପାରିବ ତାଙ୍କର ଅଭିବ୍ୟକ୍ତ ସମ୍ମତି ଦେବା ପରେ ସଂଗ୍ରହ କରଯାଇପାରେ।

୪. ବ୍ୟାଙ୍କଗୁଡିକୁ ଏହି ବିଷୟରେ ସେମାନଙ୍କର ପୂର୍ବସ୍ଥିତ କାର୍ଯ୍ୟପ୍ରଣାଳୀ ଗୁଡିକୁ ପରିଷଦ/ପ୍ରଶାସକଙ୍କ ଦ୍ୱାରା ଯାଞ୍ଚ୍ କରାଇ ସେମାନଙ୍କର ଶାଖା/ଶାଖାଗୁଡିକୁ ଉପଯୋଗୀ ସୂଚନାମାନ ପ୍ରଦାନ କରିବାକୁ ଓ ଅନୁପାଳନର ନିଶ୍ଚିତତା ପାଇଁ ପରାମର୍ଶ ଦିଆଯାଇଛି।

୫. ଦୟାକରି ଆମର ସ୍ଥାନୀୟ କାର୍ଯ୍ୟାଳୟ ଗୁଡିକରେ ପରିପତ୍ର ଗୁଡିକର ପ୍ରାପ୍ତି ସ୍ୱୀକାର କରନ୍ତୁ।

ଆପଣଙ୍କର ବିଶ୍ୱସ୍ତ,

(**ଏସ୍.କରୁପାସାମୀ**)

ଭାରପ୍ରାପ୍ତି ମୁଖ୍ୟ ମହା ପ୍ରବନ୍ଧକ